# REGIONAL NEWS UNIT, AIR CUTTACK

## Mid-day Bulletin (4.32PM)

### 04 December – 2025

*******************************

## ମୁଖ୍ୟ ସମ୍ବାଦ

- ମହାନଦୀ ଜଳ ବିବାଦ ସମାଧାନ ପାଇଁ ଆସନ୍ତାକାଲି ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଅନୁଷ୍ଠିତ ହେବ ଯୁଗ୍ମ ବୈଷୟିକ କମିଟି ବୈଠକ
- ସୁବର୍ଣ୍ଣରେଖା ଏବଂ ଅସ୍ତରଙ୍ଗ ବନ୍ଦର ପାଇଁ ଘରୋଇ କମ୍ପାନୀଙ୍କ ସହିତ ରାଜ୍ୟ ସରକାରଙ୍କ ଚୁକ୍ତିନାମା
- ପୁରୀଠାରେ ଆସନ୍ତାକାଲିଠାରୁ ଆରମ୍ଭ ହେବ ତିନିଦିନିଆ ବୈଶ୍ୱିକ ଶକ୍ତି ନେତୃତ୍ୱ ସମ୍ମିଳନୀ

ଏବଂ

- ଭାରତୀୟ ନୌସେନାର ପରାକ୍ରମ ସଫଳତା ଏବଂ ରଣନୈତିକ ଗୁରୁତ୍ୱକୁ ସ୍ୱୀକୃତି ଦେବା ଲକ୍ଷ୍ୟରେ ଆଜି ପାଳନ କରାଯାଉଛି ନୌସେନା ଦିବସ

BBSR/R

# ମହାନଦୀ ବିବାଦ

ମହାନଦୀ ଜଳ ବିବାଦ ସମାଧାନ ନେଇ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ପରବର୍ତ୍ତୀ ଯୁଗ୍ମ ବୈଷୟିକ କମିଟି ବୈଠକ ଆସନ୍ତାକାଲି ଅନୁଷ୍ଠିତ ହେବ। ବିଧାନସଭାରେ ଆଜି ପ୍ରଶ୍ନକାଳରେ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଏ ସମ୍ପର୍କରେ ସୂଚନା ଦେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି, ଆପୋଷ ଆଲୋଚନା ମାଧ୍ୟମରେ ବିବାଦର ସମାଧାନ ପାଇଁ ଉଭୟ ରାଜ୍ୟ ପ୍ରୟାସ ଜାରି ରଖିଛନ୍ତି। ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଏ ନେଇ ଅନୌପଚାରିକ ଆଲୋଚନା ହୋଇସାରିଛି ବୋଲି ସେ କହିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୂର୍ବାଞ୍ଚଳ ପରିଷଦ ବୈଠକରେ ମଧ୍ୟ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ମୁଖ୍ୟମନ୍ତ୍ରୀସ୍ତରୀୟ ଆଲୋଚନା ହୋଇଛି। ଗତ ଅଗଷ୍ଟ ୩୦ ତାରିଖରେ ଉଭୟ ରାଜ୍ୟର ମୁଖ୍ୟଶାସନ ସଚିବସ୍ତରୀୟ ବୈଠକ ଅବସରରେ ବିବାଦ ସମାଧାନ ଲକ୍ଷ୍ୟ ନେଇ ଏକ ରୂପରେଖ ପ୍ରସ୍ତୁତ କରାଯାଇଛି। ଡକ୍ଟର ମହାଲିଙ୍ଗ କହିଛନ୍ତି, ଯୁଗ୍ମ ବୈଷୟିକ କମିଟିର ବୈଠକ ଏହା ପୂର୍ବରୁ ୬ଥର ଅନୁଷ୍ଠିତ ହୋଇସାରିଛି। ମହାନଦୀ ଟ୍ରିବ୍ୟୁନାଲରେ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୦ ତାରିଖରେ ଅନୁଷ୍ଠିତ ହେବ ବୋଲି ଡକ୍ଟର ମହାଲିଙ୍ଗ ଗୃହରେ ସୂଚନା ଦେଇଛନ୍ତି।

BBSR/R

# ବିଧାନସଭା– ଜେଟି ସ୍ଥାପନ

ରାଜ୍ୟରେ ଦୁଇଟି ବନ୍ଦର ପ୍ରତିଷ୍ଠା ନେଇ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି ବୋଲି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି। ବିଧାନସଭାରେ ଆଜି ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି, ସୁବର୍ଣ୍ଣରେଖା ଏବଂ ଅସ୍ତରଙ୍ଗ ବନ୍ଦର ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ସୁବର୍ଣ୍ଣରେଖା ପୋର୍ଟ ପ୍ରାଇଭେଟ୍ ଲିମିଟେ୍ଡ ଏବଂ ନବଯୁଗ ଇଞ୍ଜିନିୟରିଂ କମ୍ପାନୀ ଲିମିଟେଡ୍ ସହିତ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି। ବନ୍ଦର ନିର୍ମାଣ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ଜାରି ରହିଛି। ଜଗତସିଂହପୁର ଜିଲ୍ଲାର ଜଟାଧାରୀ ମୁହାଣଠାରେ ଜେ.ଏସ୍.ଡବ୍ଲ୍ୟୁ. ଉତ୍କଳ ଷ୍ଟିଲ୍ ଲିମିଟେଡ୍ ଦ୍ୱାରା ପ୍ରସ୍ତାବିତ ଇଣ୍ଟିଗ୍ରେଟେଡ୍ ଷ୍ଟିଲ ପ୍ଲାଣ୍ଟ ପଣ୍ୟ ପରିବହନ ପାଇଁ ଏକ ନିଜସ୍ୱ ଜେଟି ସ୍ଥାପନ ନିମନ୍ତେ ରାଜ୍ୟ ସରକାରଙ୍କ ସହିତ ରିହାତି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିବା ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି। ଶ୍ରୀ ଜେନା କହିଛନ୍ତି, ରାଜ୍ୟରେ ଏବେ ତିନୋଟି ବନ୍ଦର କାର୍ଯ୍ୟକାରୀ ହେଉଛି। ରାଜ୍ୟର ବୃହତ ବନ୍ଦର ପାରାଦ୍ୱୀପ’ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ପରିବହନ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଛି ବୋଲି ଶ୍ରୀ ଜେନା ଗୃହରେ କହିଛନ୍ତି।

BBSR/R

# ବିଧାନସଭା

କଂଗ୍ରେସ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ବିଧାନସଭାର ପ୍ରଶ୍ନକାଳ ଆଜି ବାଧାପ୍ରାପ୍ତ ହୋଇଛି। ଗତକାଲି ବେସରକାରୀ କାର୍ଯ୍ୟଦିବସ ଅବସରରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମଙ୍କୁ ସଂକଳ୍ପ ଉପସ୍ଥାପନ କରିବା ପାଇଁ ସୁଯୋଗ ଦିଆ ନ ଯିବା ଅଭିଯୋଗ ନେଇ ଦଳୀୟ ସଦସ୍ୟମାନେ ଆଜି ଗୃହରେ ହଟ୍ଟଗୋଳ କରିଥିଲେ। ବାଚସ୍ପତି ସୁରମା ପାଢ଼ି ପ୍ରଥମେ ୧୦ଟା ୪୬ରୁ ୧୧ଟା ୩୦ ଯାଏଁ ଗୃହକୁ ମୁଲତବୀ ରଖିଥିଲେ। ତେବେ ଶୂନ୍ୟକାଳରେ ଗୃହରେ ପୁନର୍ବାର ଏହି ପ୍ରସଙ୍ଗ ଉଠାଇ କଂଗ୍ରେସ ସଦସ୍ୟମାନେ ସଂକଳ୍ପ ଆଲୋଚନା ପାଇଁ ନିର୍ଦ୍ଦିଷ୍ଟ ଦିନ ଘୋଷଣା କରିବାକୁ ବାଚସ୍ପତିଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ। ତେବେ ଏହି ପ୍ରସଙ୍ଗ ନେଇ ହଟ୍ଟଗୋଳ ଜାରି ରହିବାରୁ ବାଚସ୍ପତି ଗୃହକୁ ତିନୋଟି ପର୍ଯ୍ୟାୟରେ ୨୪ ମିନିଟ୍ ମୁଲତବୀ ଘୋଷଣା କରିଥିଲେ। ତେବେ ଶ୍ରୀ କାଡ଼ାମ ଆଣିଥିବା ସଂକଳ୍ପକୁ ଆସନ୍ତା ୧୨ ତାରିଖ ଦିନ ଆଲୋଚନା ହେବ ବୋଲି ବାଚସ୍ପତିଙ୍କ ଘୋଷଣା ପରେ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା।

BBSR/R

## ବିଧାନସଭା–ହୀରାକୁଦ

ହୀରାକୁଦ ଜଳଭଣ୍ଡାରର ଜଳଧାରଣ କ୍ଷମତା କ୍ରମଶଃ ହ୍ରାସ ପାଉଛି। ବିଧାନସଭାରେ ଆଜି ଏକ ସଂକ୍ରାନ୍ତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଜଳଭଣ୍ଡାରର କ୍ଷମତା ଇତିମଧ୍ୟରେ ୨୭ ଦଶମିକ ୫/୭ ପ୍ରତିଶତ ହ୍ରାସ ପାଇଛି। ମହାନଦୀର ୮୩ ହଜାର ୪୦୦ ବର୍ଗ କିଲୋମିଟର ଅବବାହିକାରୁ ଜଳସଂଗୃହୀତ

ହୋଇ ଆସୁଥିବାରୁ ଅନେକ ପରିମାଣର ପଟୁମାଟି ଜଳଭଣ୍ଡାର ମଧ୍ୟରେ ଜମା ହେଉଛି। ଫଳରେ ହୀରାକୁଦର ଜଳଧାରଣ କ୍ଷମତା ହ୍ରାସ ପାଉଛି ବୋଲି ଶ୍ରୀ ମାଝୀ ଗୃହରେ ସୂଚନା ଦେଇଛନ୍ତି।

BBSR/R

## ବିଧାନସଭା–ଇଭି

ରାଜ୍ୟରେ ଏ ପର୍ଯ୍ୟନ୍ତ ୨ ଲକ୍ଷ ୧୯ ହଜାର ୬୭୭ ବୈଦ୍ୟୁତିକ ଯାନ ଚଳାଚଳ କରୁଛି ବୋଲି ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି। ବିଧାନସଭାରେ ଆଜି ଏକ ଅଣତାରକା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି, ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଓ ସଂସ୍ଥା ପକ୍ଷରୁ ୬୮୦ଟି ବୈଦ୍ୟୁତିକ ଯାନ କ୍ରୟ କରାଯାଇଛି। ଯାନ କ୍ରୟ ବାବଦରେ ଏ ପର୍ଯ୍ୟନ୍ତ ୩୪୦ କୋଟି ୯୫ ଲକ୍ଷ ୭୫ ହଜାର ୪୮୧ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ଭୁବନେଶ୍ୱରରେ ୧୨ଟି ସ୍ଥାନରେ ଇଭି ଚାର୍ଜିଂ କେନ୍ଦ୍ର କାର୍ଯ୍ୟକ୍ଷମ ହୋଇଛି ବୋଲି ମନ୍ତ୍ରୀ ଶ୍ରୀ ଜେନା ଗୃହରେ କହିଛନ୍ତି।

Puri

# ପୁରୀ ଗ୍ଲୋବାଲ ସମିଟ

ପୁରୀଠାରେ ଆସନ୍ତାକାଲିଠାରୁ ତିନିଦିନିଆ ବୈଶ୍ୱିକ ଶକ୍ତି ନେତୃତ୍ୱ ସମ୍ମିଳନୀ-୨୦୨୫ ଆରମ୍ଭ ହେବ । ସ୍ୱଚ୍ଛ ଇନ୍ଧନ କ୍ଷେତ୍ରରେ ଭାରତର କାର୍ଯ୍ୟପନ୍ଥା ଓ ଅଗ୍ରୀଣ ଭୂମିକା ବିଷୟରେ ଏଥିରେ ଆଲୋଚନା କରାଯିବ । ୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀରେ କେନ୍ଦ୍ର ନୂତନ ଓ ନବୀକରଣୀୟ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଏବଂ ମନ୍ତ୍ରଣାଳୟର

ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ନାୟକ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂହ ସୁଖୁ ଏବଂ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଇଙ୍କ ସମେତ ବିଭିନ୍ନ ରାଜ୍ୟର ମନ୍ତ୍ରିମଣ୍ଡଳର ସଦସ୍ୟ ଅଂଶଗ୍ରହଣ କରିବେ।  ଓଡ଼ିଶାରେ ପ୍ରଥମଥର ପାଇଁ ଅନୁଷ୍ଠିତ ହେଉଥିବା ଏହି ସମ୍ମିଳନୀ ସ୍ୱଚ୍ଛ ଶକ୍ତି ରୂପାନ୍ତରକୁ ତ୍ୱରାନ୍ୱିତ କରିବା ପାଇଁ ଏକ ମଞ୍ଚ ପ୍ରଦାନ କରିବ। ନୀତିନିର୍ଦ୍ଧାରକ, ଶିଳ୍ପୋଦ୍ୟୋଗୀ, ବିଶ୍ୱସ୍ତରୀୟ ବିଶେଷଜ୍ଞ ଏବଂ ଗବେଷକ ସମ୍ମିଳନୀରେ ଯୋଗଦେଇ ସହଭାଗିତା, ଜ୍ଞାନ ଆଦାନ ପ୍ରଦାନ ତଥା ସ୍ୱଚ୍ଛ ଶକ୍ତି କ୍ଷେତ୍ର ନେଇ ମତବିନିମୟ କରିବେ। ସମ୍ମିଳନୀରେ ଏକାଧିକ ରାଜ୍ୟ ଓ କେନ୍ଦ୍ରୀୟ ମନ୍ତ୍ରଣାଳୟର ଅଂଶଗ୍ରହଣ ସହିତ ଭାରତର ସ୍ୱଚ୍ଛ ଉର୍ଜା ସଂକଳ୍ପର ଏକ ପ୍ରମୁଖ ପରିଚାଳକ ଭାବେ ଓଡ଼ିଶା ପ୍ରତିପାଦିତ ହେବ।

Desk

## ନୌସେନା ଦିବସ

ଭାରତୀୟ ନୌସେନାର ପରାକ୍ରମ, ସଫଳତା ଏବଂ ରଣନୈତିକ ଗୁରୁତ୍ୱକୁ ସ୍ୱୀକୃତି ଦେବା ଲକ୍ଷ୍ୟରେ ପ୍ରତିବର୍ଷ ଡିସେମ୍ବର ମାସ ଆଜିର ଦିନକୁ ନୌସେନା ଦିବସ ଭାବେ ପାଳନ କରାଯାଇଥାଏ । ୧୯୭୧ ମସିହା ଭାରତ-ପାକିସ୍ତାନ ଯୁଦ୍ଧରେ ଆଜିର ଦିନରେ ଅପରେସନ୍ ଟ୍ରାଇଡେଣ୍ଟ ସମୟରେ କରାଚୀ ବନ୍ଦର ଉପରେ ଭାରତୀୟ ନୌସେନାର ସଫଳ ଆକ୍ରମଣର ସ୍ମୃତିଚାରଣ କରିବା ପାଇଁ ଏହି ଦିବସ ପାଳିତ

ହୋଇଆସୁଛି । ଜାତୀୟ ସୁରକ୍ଷା ଏବଂ ସାମୁଦ୍ରିକ ଐତିହ୍ୟରେ ଭାରତୀୟ ନୌସେନାର ଭୂମିକା ବିଷୟରେ ଲୋକମାନଙ୍କ ମଧ୍ୟରେ ସଚେତନ ସୃଷ୍ଟି ସହିତ ଦେଶପ୍ରେମ ଓ ଏକତାର ଭାବକୁ ଏହି ଦିବସ ଉତ୍ସାହିତ କରିଥାଏ । ୧୬ ଶହ ୧୨ ମସିହାରେ ପୂର୍ବ ଭାରତ କମ୍ପାନୀର ମେରାଇନ୍ ଭାବରେ ଭାରତୀୟ ନୌସେନା ଆରମ୍ଭ ହୋଇଥିଲା । ସ୍ୱାଧୀନତା ପରେ ଏହା ଏକ ଆଧୁନିକ ଏବଂ ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ଉନ୍ନତ ବାହିନୀରେ ପରିଣତ ହୋଇଛି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ପ୍ରମୁଖ  ନୌସେନା ଯବାନ, ଅବସରପ୍ରାପ୍ତ ଯବାନ ଏବଂ ସେମାନଙ୍କ ପରିବାରକୁ ଶୁଭେଚ୍ଛା ଜଣାଇଛନ୍ତି ।

Nabaranpgur/Desk

## ଚାଇଲ୍ଡ ମ୍ୟାରେଜ ଫ୍ରି ଭାରତ

ନୂଆଦିଲ୍ଲୀରେ ବାଲ୍ୟବିବାହମୁକ୍ତ ଭାରତ କାର୍ଯ୍ୟକ୍ରମକୁ ଆଜି କେନ୍ଦ୍ର ମହିଳା ଓ ଶିଶୁବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଶୁଭାରମ୍ଭ କରିଛନ୍ତି । କାର୍ଯ୍ୟକ୍ରମ ଅଧୀନରେ ୧୦୦ଦିନିଆ ବ୍ୟାପକ ସଚେତନତା ଅଭିଯାନ ଦେଶବ୍ୟାପୀ ଆରମ୍ଭ କରାଯାଇଛି । ବାଲ୍ୟବିବାହ ମୁକ୍ତ ଭାରତ ଅଭିଯାନର ପ୍ରଥମ ବାର୍ଷିକୀ ଅବସରରେ ଏହି ଅଭିଯାନର ଶୁଭାରମ୍ଭ ହୋଇଛି ।

ନବରଙ୍ଗପୁର ଜିଲ୍ଲାରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଏବଂ ସ୍ୱେଚ୍ଛାସେବୀ ସହଯୋଗରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷ ବବିତା ପାତ୍ର ଏଥିରେ ଯୋଗଦେଇ ଅଭିଯାନର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ବାଲ୍ୟ ବିବାହ ମୁକ୍ତ ଭାରତ ଗଠନ ସମ୍ପର୍କରେ ଏକ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ବାଲ୍ୟ ବିବାହ ପ୍ରତିହତ କରିବା ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିବିଶେଷଙ୍କୁ ମଧ୍ୟ ଆଜି ସମ୍ବର୍ଦ୍ଧିତ କରାଯାଇଛି ।

Baragarh

## ବରଗଡ଼ ଧନୁଯାତ୍ରା ବୈଠକ

ବରଗଡ଼ ଧନୁଯାତ୍ରା ନିମନ୍ତେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୧ କୋଟି ଟଙ୍କାର ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ । ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ବିଭାଗୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ଆସନ୍ତା ୨୪ରୁ ଜାନୁଆରୀ ୩ ତାରିଖ ପର୍ଯ୍ୟନ୍ତ ବରଗଡ଼ ଧନୁଯାତ୍ରା ମହୋତ୍ସବ ଆୟୋଜିତ ହେବ । ଧନୁଯାତ୍ରାରେ ଅଂଶଗ୍ରହଣ କରୁଥିବା ପ୍ରାୟ ୨୦୦ କଳାକାରଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ସମ୍ମାନ ସୂଚକ ରାଶି ପ୍ରଦାନ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି । ଧନୁଯାତ୍ରାର ବ୍ୟାପକ ପ୍ରଚାର ଓ ପ୍ରସାର ନିମନ୍ତେ ଏଲ୍.ଇ.ଡି ମାଧ୍ୟମରେ ସିଧାପ୍ରସାରଣ କରାଯିବ । ଭୁବନେଶ୍ୱରରୁ ବରଗଡ଼ ଅଭିମୁଖେ ସ୍ୱତନ୍ତ୍ର ଟୁରିଷ୍ଟ ବସ୍ ଚଳାଇବାକୁ ନିଷ୍ପତ୍ତି ଗ୍ରହଣ

କରାଯାଇଛି। ବୈଠକରେ ସାଂସଦ ପ୍ରଦୀପ ପୁରୋହିତଙ୍କ ସମେତ ବିଧାୟକଗଣ, ଉନ୍ନୟନ କମିଶନର ଏବଂ ବିଭାଗୀୟ ବରିଷ୍ଠ ପଦାଧିକାରୀ ଯୋଗ ଦେଇଥିଲେ।

CTC

## ଟି-ଟ୍ୱେଣ୍ଟି ମ୍ୟାଚ୍

ଭାରତ ଓ ଦକ୍ଷିଣ ଆଫ୍ରିକା ଟି-ଟ୍ୱେଣ୍ଟି ମ୍ୟାଚ୍ ଆସନ୍ତା ୯ ତାରିଖ ମଙ୍ଗଳବାର ଦିନ କଟକ ବରାବାଟୀ ଷ୍ଟାଡିୟମ୍‌ଠାରେ ଖେଳାଯିବ। ଏହି ମ୍ୟାଚ୍ ପାଇଁ ଆସନ୍ତାକାଲିଠାରୁ କାଉଣ୍ଟରରେ ଟିକେଟ୍ ବିକ୍ରି ପ୍ରକ୍ରିୟା ଆରମ୍ଭ ହେବ। ଟିକେଟ୍ କଳାବଜାରୀ ଉପରେ କମିଶନରେଟ୍ ପୁଲିସ ପକ୍ଷରୁ ତୀକ୍ଷ୍ଣ ନଜର ରଖାଯାଇଛି ବୋଲି କଟକ ଡିସିପି ଋଷିକେଶ ଖିଲାରୀ କହିଛନ୍ତି। ବିଭିନ୍ନ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ ଉପରେ ସାଇବର ଶାଖା ପକ୍ଷରୁ ନଜର ରଖାଯାଇଛି। ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୁଦ୍ଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯିବ। ଶୃଙ୍ଖଳିତ ଧାଡ଼ି ବ୍ୟବସ୍ଥା ପାଇଁ ପ୍ରସ୍ତୁତ ହୋଇଥିବା ରୂପରେଖ ଅନୁଯାୟୀ ଦାୟିତ୍ୱ ନିର୍ବାହ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଶ୍ରୀ ଖିଲାରି ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି, ଆଗାମୀ ମ୍ୟାଚ୍ ପାଇଁ ମୋଟ ୪୦ ପ୍ଲାଟୁନ ପୁଲିସ ଫୋର୍ସ ନିୟୋଜିତ ହେବେ। ଟିକେଟ୍ ବିକ୍ରି ତଥା ଅନ୍ୟାନ୍ୟ ପ୍ରସ୍ତୁତି ନେଇ ଶ୍ରୀ ଖିଲାରି କହିଛନ୍ତି...

**- V/O –**

Nayagarh

## ମାଣବସା ଗୁରୁବାର

ମାର୍ଗଶୀର ମାସ ଶେଷ ଗୁରୁବାର ଅବସରରେ ମାଣବସା ଓ ଲକ୍ଷ୍ମୀପୂଜା ଆଜି ନୟାଗଡ଼ ଜିଲ୍ଲାରେ ଅତ୍ୟନ୍ତ ନିଷ୍ଠା ଓ ଶ୍ରଦ୍ଧାର ସହ ପାଳନ କରାଯାଇଛି। ଜିଲ୍ଲାରେ ଗଣପର୍ବ ଭାବେ ପାଳିତ ହୋଇ ଆସୁଥିବା ଏହି ଦିବସ ଅବସରରେ ପ୍ରତ୍ୟେକଙ୍କ ଘରେ ସ୍ୱତନ୍ତ୍ର ପୂଜା ଏବଂ ବିଭିନ୍ନ ପ୍ରକାର ପିଠାପଣା ପ୍ରସ୍ତୁତ ହୋଇଛି। ଜିଲ୍ଲାର ୩୪ଟି ସ୍ଥାନରେ ମୃଣ୍ମୟୀ ଦେବୀ ପ୍ରତିମା ସ୍ଥାପନ କରାଯାଇ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଅନୁଷ୍ଠିତ ହେଉଛି।